# ପିଲାଙ୍କ ଧରିତ୍ରୀ

ଶନିବାର ,୧୮ ଡିସେମ୍ବର, ୨୦୨୧



୮ ଆଇନା
୬ କହିଲ ଦେଖି
୭ ଜଣା ଅଜଣା

## ଖିଲି ଖିଲି ହସ

(ସାର୍ ଏବଂ ସାଣ୍ଟା ମଧ୍ୟରେ କଥାବାର୍ତ୍ତା...)

**ସାର୍:** ଆରେ ସାଣ୍ଟା ! ସ୍ୱର ବର୍ଣ୍ଣ ଆଉ ବ୍ୟଞ୍ଜନ ବର୍ଣ୍ଣ କ'ଣ ମନେ ରଖିଛୁ ତ ?

**ସାଣ୍ଟା:** ଆଜ୍ଞା ସାର୍। ସବୁ ମନେ ରଖିଛି।

**ସାର୍:** ହଉ, ଠିକ୍ ଅଛି। ତୋ ଠୁ ତା'ହେଲେ ଆରମ୍ଭ କରିବା। କହିଲୁ କ'ଣ ଜାଣିଛୁ।

**ସାଣ୍ଟା:** ଯାହା ଆମ ପାଟି ଭିତରୁ ବାହାରକୁ ଆସେ ତାହାକୁ ସ୍ୱର ବର୍ଣ୍ଣ ଆଉ ଯାହା ବାହାରୁ ପାଟି ଭିତରକୁ ଯାଏ ତାହାକୁ ବ୍ୟଞ୍ଜନ ବର୍ଣ୍ଣ କୁହାଯାଏ।

(ବାପା ଓ ପୁଅଙ୍କ ମଧ୍ୟରେ କଥାବାର୍ତ୍ତା...)

**ପୁଅ(ଆଶ୍ଚର୍ଯ୍ୟ ହୋଇ):** ବାପା ! ଏତେ ଚୁଟି ଭିତରେ ତୁମର ଏଇ ଦୁଇଟି ଚୁଟି ଧଳା କାହିଁକି ହୋଇଛି ?

**ବାପା:** ଯୋଉ ପିଲାମାନେ ତାଙ୍କ ବାପାଙ୍କୁ ଯେତେ ହଇରାଣ କରନ୍ତି, ସେମାନଙ୍କ ଚୁଟି ସେତେ ଧଳା ପଡ଼ିଯାଏ।

**ପୁଅ(ହସି ହସି):** ଓଃ ! ଏବେ ବୁଝିଲି, ଜେଜେ ବାପାଙ୍କ ଚୁଟି ସବୁ ଧଳା କାହିଁକି।

ରାମୁ ସ୍କୁଲରୁ ହସି ହସି ଆସୁଥିବାର ଦେଖି ବାପା ପଚାରିଲେ...

**ବାପା:** କଥା କ'ଣ ରାମୁ ! ତୁ ଆଜି ବେଶି ଖୁସି ଜଣା ପଡୁଛୁ...

ରାମୁ–ବାପା ! ତମେ ବି ଶୁଣିଲେ ଖୁସି ହେବ।

ବାପା–ଆରେ, କ'ଣ ହେଇଛି ତ କହ ଆଗ।

ରାମୁ–ମୁଁ ତୁମ ପଇସା ପୁଣି ବଞ୍ଚେଇ ଦେଇଛି।

ବାପା(ଆଶ୍ଚର୍ଯ୍ୟରେ...)–କେମିତି ?

ରାମୁ–ଗତ ଦୁଇ ବର୍ଷ ଭଳି ଏ ବର୍ଷ ବି ତୁମକୁ ମୋ ପାଇଁ ଆଉ ବହି କିଣିବାକୁ ପଡ଼ିବନି। କାରଣ ଏଥର ବି ପୁଣି ଫେଲ୍ ହୋଇଛି, ଆଉ ସେଇ ସମାନ ଶ୍ରେଣୀରେ ରହି ପଡ଼ିବି।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଆମ ଠିକଣା
dharitrifeature@gmail.com

# ପାଳଭୂତ

ଗପ

କାକୁଡିଭାଡ଼ି ଗାଁର ପଦିଆ ସାହୁ ଯେତିକି ଗପୁଡ଼ି ସେତିକି ବାହାପିଆ। ଚଉଦ ବର୍ଷର ଭେଣ୍ଡାଟା, ହେଲେ ପାଞ୍ଚ ଛଅ ବର୍ଷିଆ ପିଲାମାନେ ତା'ର ସାଙ୍ଗ। ସେମାନଙ୍କ ଆଗରେ ବାହାଦୁରି ଦେଖେଇ ବାହାବା ପାଇବାରେ ତା'ର ଭାରି ସଉକ। ସେ କେମିତି ଭୂତପ୍ରେତଙ୍କ ସହ ଖେଳେ, ଡାହାଣୀ ଆଲୁଅରେ ପିକା(ବିଡି) ଲଗାଏ ଏଭଳି କଥା ସେ ଏମିତି ବନେଇ ଚୁନେଇ ଗପେ ଯେ ପିଲାମାନେ ତାକୁ ଏକ ଲୟରେ ଚାହିଁ ରହନ୍ତି। ସେ କୁଆଡେ ଡର ଭୟ କ'ଣ ଜାଣେନା। ଓଲଟା ଭୂତପ୍ରେତମାନେ ତାକୁ ଡରନ୍ତି। ଯଦି କେହି ପିଲା କେବେ ଅଳି କରେ, ପଦିଆ ଭାଇ, ମତେ ଟିକେ ଥରେ ଭୂତକୁ ଦେଖେଇ ଦବ ? ଆଖି ତରାଟି ଉତ୍ତର ଦିଏ ସେ ଆରେ ଭୂତ ତ ତତେ ଦେଖୁ ଦେଖୁ ଟାକୁ କିନା ପାଟିରେ ପକେଇ ଦବ, ଦେଖିବୁ କ'ଣ ? ମୁଁ ମୋ ଦିହଟାକୁ କିଳିଛି ବୋଲି ସିନା...

ଦିନକର କଥା। ସଞ୍ଜ ବେଳ। ମେଘ ଘୋଡେଇ ଥାଏ। ଲୋକମାନେ ଯିବାଆସିବା କରୁଥାଆନ୍ତି। ପଦିଆ ପିଣ୍ଡା ଉପରେ ବସିଥାଏ। କାଳି ଜହ୍ନରେ ମୁହଁକୁ ମୁହଁ ଦିଶୁ ନ ଥାଏ। ହଠାତ୍ ପଦିଆ ଭୂତ ଭୂତ ବୋଲି ଗୋଟାଏ ବିକଟାଳ ରଡ଼ି ଛାଡ଼ି ତଳେ ପଡ଼ିଗଲା। ତା'ର ଚିତ୍କାର ଶୁଣି ଯିଏ ଯୁଆଡେ ଥିଲେ ଦଉଡ଼ି ଆସିଲେ। ହେଲେ ସେତେବେଳକୁ ତା'ର ଚେତା ବୁଡ଼ି ଯାଇଥିଲା। ସମସ୍ତେ ମିଶି ବହୁ କଷ୍ଟରେ ତାକୁ ସାଷ୍ଟମ କଲା ପରେ ଖନେଇ ଖନେଇ କହିଲା, ହେଇ ଭୂତ ଭୂତ। ହଠାତ୍ ତା' ସାମ୍ନାକୁ ଆସି ମୁହଁରୁ ଚିତ୍ରକରା ହାଣ୍ଡି ଓ ଦେହରୁ କୁଟାରେ ତିଆରି ଖୋଳକୁ କାଢି ଦେଇ ଖେଁ ଖେଁ ହୋଇ ହସି ଉଠିଲା ପିଲାଟିଏ, ପଦିଆ ଭାଇ, ଭୂତ କାହିଁ ? ମୁଁ ପରା ଗୋକୁଳା, ତୁମ ସାଙ୍ଗ। ଆଉ ସାଙ୍ଗମାନେ ବି ପଛରେ ଅଛନ୍ତି। ଆଜି କୁଆଁର ପୁନେଇଁ ତ, 'ପାଳଭୂତ' ହୋଇ ଘରେ ଘରେ ବୁଲି ଭିକ ମାଗୁଛୁ। ଏଇଆକୁ ଦେଖି ଛାନିଆଁ, ତୁମେ ଏଡିକି ଡରୁଆ ? ପିଲା ବୁଢ଼ା ସାହି ପଡ଼ିଶା ଓ ତା'ର ସବୁ ସାଥୀ ଏକାବେଳକେ ହୋ ହୋ ହୋଇ ହସି ଉଠିଲେ। ପଦିଆ ଲାଜରେ ମୁହଁ ଲୁଚେଇ ଦେଲା। ଆଉ ସେଇ ଦିନଠୁ ଭୂତ କଥାକୁ ନେଇ ପଦିଆ ଯେଉଁ ବାହାପିଆ ଗପ ଗପୁଥିଲା ସେସବୁ ବନ୍ଦ ହୋଇଗଲା।



–ଅଲେଖ ଚନ୍ଦ୍ର ମିଶ୍ର
ସାରଦାଶ୍ରୀ, ଶାସ୍ତ୍ରୀନଗର, ୟୁନିଟ୍–୪, ଭୁବନେଶ୍ୱର
ମୋ : ୯୪୩୮୬୭୩୮୯୮

## ମତାମତ

▶ ଏଥର 'ପିଲାଙ୍କ ଧରିତ୍ରୀ'ର ପୃଷ୍ଠା ଗୁଡ଼ିକ ଭଲ ଲାଗୁଥିଲା। ପ୍ରତିଟି ସ୍ତମ୍ଭ ଆକର୍ଷଣୀୟ ଥିଲା।

**–ରବୀନ୍ଦ୍ର ମାର୍ଥା, ସିନାପାଲ୍ଲୀ, ନୂଆପଡ଼ା**

▶ ପୃଷ୍ଠା–୨ ରେ ପ୍ରକାଶ ପାଇଥିବା 'ଆକାର ନୁହେଁ ବିଚାର' ଗପଟି ଶିକ୍ଷଣୀୟ।

**–ରାକେଶ କୁମାର ଭୋଇ, ଛେଣ୍ଡିପଦା, ଅନୁଗୋଳ**

▶ 'ତୁମ ତୂଳୀରୁ' ସ୍ତମ୍ଭଟି ଭଲ ଲାଗୁଛି। ଏହା ପିଲାମାନଙ୍କୁ ଅଧିକ ଚିତ୍ର କରିବା ପାଇଁ ଉତ୍ସାହିତ କରିବ।

**–ସାଇଶ୍ରୀ ହୋତା, କଣ୍ଟାବାଞ୍ଜି, ବଲାଙ୍ଗୀର**


▶ 'ଏଥରର ପ୍ରଶ୍ନ'ସ୍ତମ୍ଭରେ ଥିବା ସବୁ ପ୍ରଶ୍ନ ନୂଆ ଲାଗିଲା। ଏଥିରୁ ଢେର ଭଲ କଥା ଶିଖିବାକୁ ମିଳୁଛି।

**–ଦୀପକ ପଟ୍ଟନାୟକ, ବରମୁଣ୍ଡା, ଭୁବନେଶ୍ୱର**

▶ ଆଇନା ପୃଷ୍ଠାରେ ପ୍ରକାଶ ପାଉଥିବା କୁନି କୁନି ପିଲାଙ୍କ ଫଟୋ ସତରେ ସୁନ୍ଦର ଲାଗୁଛି।

**–କୀର୍ତ୍ତି ସାମନ୍ତ, ଧାମନଗର, ଭଦ୍ରକ**

## ରଙ୍ଗ ଦିଅ



## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

କରୋନା ମହାମାରୀ ଲାଗି ସ୍କୁଲ୍ ବନ୍ଦ ହେବା ପରେ ପାଠ ପଢା ସାଙ୍ଗକୁ ପରୀକ୍ଷା ବି ହେଲା ଅନ୍‌ଲାଇନ୍‌ରେ। ଯାହାଦ୍ୱାରା ବେଶ୍ ପ୍ରଭାବିତ ହେଲା ଛାତ୍ରୀଛାତ୍ରଙ୍କ ଶିକ୍ଷା ଜୀବନ। ଦୀର୍ଘ ଦିନର ଅପେକ୍ଷା ପରେ ଖୋଲିଲା କେତେକ ସ୍କୁଲ୍। ଆଉ ପିଲାମାନେ ବି ଏଥିପାଇଁ ବେଶ୍ ଖୁସି ଥିବା ବେଳେ ପୁନର୍ବାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ବି କୋଭିଡ ପଜିଟିଭ ଚିହ୍ନଟ ହେଉଥିବା ଘଟଣା ସଭିଙ୍କ ପାଇଁ ପାଲଟିଛି ଚିନ୍ତାର କାରଣ। ଏମିତିରେ ଯଦି ପରିସ୍ଥିତି ନ ସୁଧୁରେ ଆଗକୁ ସ୍କୁଲ୍ ଖୋଲାରହିବ କି ପୁଣି ଅନ୍‌ଲାଇନ୍‌ରେ ପାଠ ପଢା ହେବ ତା'କୁ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ଆରମ୍ଭକରି ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ପର୍ଯ୍ୟନ୍ତ ସଭିଏଁ ଆଶା ଆଶଙ୍କା ଭିତରେ...



# ଆଶା, ଆଶଙ୍କାରେ...

ସ୍କୁଲ୍ ବେଲ୍ ବାଜିବା ମାତ୍ରେ କ୍ୟାମ୍ପସ୍ ଭିତରେ ଜମୁଥିଲା ଛାତ୍ରୀଛାତ୍ରଙ୍କ ଭିଡ। ସଭିଏଁ ଏକାଠି ପ୍ରାର୍ଥନା ସାରି ନିଜ ନିଜ କ୍ଲାସ୍‌ରୁମ୍‌କୁ ଚାଲିଯାଉଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ପାଠ ଶୁଣିବା ଏବଂ ଡାଉଟ୍ ଥିଲେ ପଚାରି ବୁଝିବା ବି ହେଉଥିଲା ସହଜ। ତା'ସାଙ୍ଗକୁ କେତେବେଳେ ସାଙ୍ଗସାଥିଙ୍କ ଭିତରେ ଛୋଟ ଛୋଟ ଝଗଡା ତ ପୁଣି କେତେବେଳେ ଖାଇବା ଛୁଟିରେ ଏକାଠି ଖାଇବା, ଖେଳ ଛୁଟିରେ ମଜାମସ୍ତି କରି ଖେଳିବା ଆଉ ଛୁଟି ପରେ ବି କ୍ୟାମ୍ପସ୍ ଭିତରେ କିଛି ସମୟ ଜମୁଥିଲା ଗପର ଆସର। ନିତିଦିନିଆ ଏହି ସ୍କୁଲ୍ ଜୀବନରେ ଯେମିତି କଳା ବାଦଲ ଢାଙ୍କିଲା ଭଳି ଲାଗି ଗଲା କରୋନାର ନଜର। ସଂକ୍ରମଣ ହାର ବୃଦ୍ଧି ରୋକିବା ଲାଗି ଆରମ୍ଭ ହେଲା ଲକ୍‌ଡାଉନ୍, ଶଟ୍‌ଡାଉନ୍। ସ୍କୁଲ୍ କଲେଜ୍ ବନ୍ଦ ହୋଇ ଅନ୍‌ଲାଇନ୍ ଜରିଆରେ ଚାଲିଲା ପାଠ ପଢା। କେବଳ ପାଠ ପଢା ନୁହେଁ ପରୀକ୍ଷା ବି ହେଲା ଅନ୍‌ଲାଇନ୍‌ରେ। ଏମିତିରେ କେବେ ନେଟ୍‌ୱର୍କ ଅସୁବିଧା ଯୋଗୁ ପିଲାଙ୍କ ପାଠ ଅବୁଝା ରହିଗଲା ତ ଆଉ କେବେ ମୋବାଇଲ, କମ୍ପ୍ୟୁଟର ସାମ୍ନାରେ ଘଣ୍ଟା ଘଣ୍ଟା ବସିରହି କ୍ଲାସ ନେବା ଯୋଗୁ ଦେଖା ଦେଲା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ଦିନ ପରେ ଦିନ ମାସ ପରେ ମାସ ବିତିଗଲା ଏହି ଭଳି। ଶେଷରେ ପରିସ୍ଥିତି ସୁଧୁରିବା ଦେଖି ବିଭିନ୍ନ କୋଭିଡ ଗାଇଡ୍‌ଲାଇନ୍ ଭିତରେ କେତେକ ସ୍କୁଲ୍ ଖୋଲିଲା। ଦୀର୍ଘଦିନ ପରେ ସ୍କୁଲ୍ ଯାଇ ପିଲାମାନେ ବି ବେଶ୍ ଖୁସିଥିବା ବେଳେ ପୁନର୍ବାର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ବି କୋଭିଡ ପଜିଟିଭ ଚିହ୍ନଟ ହେଉଥିବା ଘଟଣା ସଭିଙ୍କ ପାଇଁ ପାଲଟିଛି ଚିନ୍ତାର କାରଣ। ତା'ଛଡା ଓମିକ୍ରନ୍ ଭାରିଏଣ୍ଟକୁ ନେଇ ମଧ୍ୟ ତୃତୀୟ ଲହର ସଂକ୍ରମଣର ଆଶଙ୍କା ବି ଉପୁଜୁଛି। ଏମିତିରେ ଯଦି ପରିସ୍ଥିତି ନ ସୁଧୁରେ ତେବେ ଆଗକୁ ସ୍କୁଲ୍ ଖୋଲାରହିବ କି ବନ୍ଦହେବ ତା'କୁ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ଆରମ୍ଭକରି ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ପର୍ଯ୍ୟନ୍ତ ସମସ୍ତେ ଆଶା ଆଶଙ୍କା ଭିତରେ ଅଛନ୍ତି। ତେବେ ଜାଣନ୍ତୁ ଏହି ପରିସ୍ଥିତିକୁ ନେଇ ଛାତ୍ରୀଛାତ୍ରଙ୍କର କ'ଣ ରହିଛି ପ୍ରତିକ୍ରିୟା....





ପ୍ରଥମରୁ ଅନଲାଇନରେ ପଢ଼ିବାକୁ ଅସୁବିଧା ହେଉଥିଲା। କେମିତି ପରୀକ୍ଷା ଦେବି, ହୋମ୍‌ୱର୍କ କରିବି କିଛି ବୁଝିପାରୁ ନ ଥିଲି। ଧୀରେ ଧୀରେ ଶିଖିଲି। ତଥାପି କୌଣସି ଅସୁବିଧା ହେଲେ ବା ପାଠ ଅବୁଝା ରହିଲେ ବୁଝିବା କଷ୍ଟ ହେଉଥିଲା। ସ୍କୁଲ ଖୋଲିବା ପରଠୁ ଏହି ସମସ୍ୟା ଆଉ ନାହିଁ। ଫିଜିକାଲ କ୍ଲାସ ଦ୍ୱାରା ଶିକ୍ଷକଙ୍କଠାରୁ ମୋ ଡାଉଟ କ୍ଲିୟର କରିପାରୁଛି। ତେଣୁ ଆଉ ଥରେ ସ୍କୁଲ ବନ୍ଦ ନ ହେଉ ବୋଲି ପ୍ରାର୍ଥନା କରୁଛି।

–**ଶୁଭସ୍ମିତା ପାତ୍ର,** କ୍ଲାସ–୯, ସେଣ୍ଟ ଜାଭିୟର ହାଇସ୍କୁଲ, ପୁରୀ



ସ୍କୁଲକୁ ଯାଇ ସାଙ୍ଗସାଥିମାନଙ୍କ ସହ ଏକାଠି ଶ୍ରେଣୀଗୃହରେ ବସି ପଢ଼ିବାକୁ କାହାକୁ ବା ଭଲ ନ ଲାଗେ। ହେଲେ, କରୋନା ପାଇଁ ସେସବୁରୁ ଆମକୁ ବଞ୍ଚିତ ହେବାକୁ ପଡିଥିଲା। ଦୁଇ ବର୍ଷ ହେଲା କ୍ଲାସରୁମ୍‌ର ମଜା ଆମେ କିଛି ବି ନେଇ ପାରି ନ ଥିଲୁ। ହେଲେ ସ୍କୁଲ୍ ଖୋଲିବା ପରଠୁ ବେଶ୍ ଖୁସିରେ ଯାଉଛୁ ଏବଂ ଅନେକ କଥା ଶିଖୁଛୁ। ଆଉ ଏବେ କରୋନା ସଂକ୍ରମଣ ହାର ବୃଦ୍ଧିପାଉଛି। ପୁଣି ଯଦି ଫିଜିକାଲ୍ କ୍ଲାସ୍ ବଦଳରେ ଅନ୍‌ଲାଇନ୍ କ୍ଲାସ୍ ହେଲେ ମାଟ୍ରିକ୍ ରେଜଲ୍ଟ ନିଶ୍ଚୟ ପ୍ରଭାବିତ ହେବ ଭାବି ଡର ଲାଗୁଛି।

–**ପ୍ରତ୍ୟୁଷ କୁମାର ସାହୁ,** କ୍ଲାସ–୧୦, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା



କରୋନାର ଦ୍ୱିତୀୟ ଲହର ପରେ ଆମେ କୋଭିଡ୍ ନିୟମ ପାଳନ କରି ସ୍କୁଲ୍ ଆସୁଛୁ। ଫିଜିକାଲ୍ କ୍ଲାସରେ ଆମକୁ ବହୁତ କିଛି ଶିଖିବାକୁ ମିଳୁଛି। ହେଲେ ଏବେ ଅନ୍ୟ ଦେଶ ସହ ଆମ ଦେଶରେ ବି ଓମିକ୍ରନ୍ ସଂକ୍ରମଣ ବଢୁଥିବା ଘଟଣା ଚିନ୍ତାରେ ପକାଉଛି। ଧୀରେ ଧୀରେ ସ୍ଥିତି ବିଗୁଡୁଥିବାରୁ ମନେ ହେଉଛି ଆଉ କିଛି ଦିନ ମଧ୍ୟରେ ସ୍କୁଲ୍ ପୁଣି ବନ୍ଦ ହୋଇଯିବ। ଏମିତିରେ ପୂର୍ବ ଭଳି ଅନଲାଇନ କ୍ଲାସ ହୋଇଗଲେ ଆମକୁ ପଢିବାରେ ଅସୁବିଧା ହେବ।

–**ପୃଥ୍ୱୀ ରାଜ ସେଠୀ,** କ୍ଲାସ–୯, ନିର୍ମଳ କନ୍‌ଭେଣ୍ଟ ସ୍କୁଲ,କେନ୍ଦୁଝର



କେତେକ ସ୍କୁଲ୍‌ରେ ଏବେ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ସ୍କୁଲ୍ ଯିବାକୁ ଡର ଲାଗୁଛି। ପ୍ରତିଦିନ ଖବରକାଗଜରେ ଏଭଳି ନ୍ୟୁଜ୍ ପଢି ଛନକା ପଶିଯାଉଛି। ମୋର ଦଶମ ଶ୍ରେଣୀ ହୋଇଥିବାରୁ ପଢ଼ାପଢ଼ି ଭଲଭାବରେ କରିବାକୁ ପଡୁଛି। ବହୁଦିନ ପରେ ସ୍କୁଲ ଖୋଲିବାରୁ ମୋର ଯେତେସବୁ ଡାଉଟ ଶିକ୍ଷକଙ୍କଠାରୁ ପଚାରି ବୁଝୁଛି। ଏମିତିରେ ଯଦି ପୁଣି ସ୍କୁଲ, ଟ୍ୟୁଶନ ବନ୍ଦ ହୋଇଯିବ ତେବେ ପରୀକ୍ଷା ମଧ୍ୟ ଖରାପ ହୋଇଯିବ ଭାବି ଚିନ୍ତା ବଢିଲାଣି।


–**ମାନସ ନାୟକ,** କ୍ଲାସ–୧୦, ଏସ୍ ଏମ୍ ହାଇସ୍କୁଲ, ଭୋଗରାଇ, ବାଲେଶ୍ୱର




କରୋନା ପାଇଁ ଆମେ ଶ୍ରେଣୀ ଶିକ୍ଷାଦାନଠାରୁ ପୂରା ଦୂରେଇ ଗଲୁ। କ୍ଲାସରେ ବସି ଯେତିକି ପାଠ ମନେ ରଖୁଥିଲୁ, ତାହା ମଧ୍ୟ ଧୀରେ ଧୀରେ କମିଗଲା। କିନ୍ତୁ କିଛି ଦିନ ହେଲା ସ୍କୁଲ ଖୋଲି ଯିବାରୁ ଆମେ ସବୁ ସାଙ୍ଗ ମିଶି ଯାଉଛୁ। ବହୁତ ଖୁସି ବି ଲାଗୁଛି। ତଥାପି ଏବେ ବି ମନରେ ଭୟ ରହିଛି ସେଇ କରୋନାକୁ ନେଇ। ଭଗବାନଙ୍କୁ ଡାକୁଛି କି କରୋନା ଜଲଦି ଦୂରେଇ ଯାଉ, ଆଉ ଆମେ ଏମିତି ସ୍କୁଲ ଯାଉଥାଉ।

–**ଚିତ୍ତରଞ୍ଜନ ସାହୁ,** କ୍ଲାସ–୧୦, ଜବାହାର ନୋଡ଼ାଲ୍ ହାଇସ୍କୁଲ, ଚକ୍ରଧରପ୍ରସାଦ, ନୟାଗଡ଼


ଉପସ୍ଥାପନା: **ସୁଚରିତା ପାତ୍ର**



୧



୨



୩



୪




୫



୬




୭



୮



୯



୧୦



୧
ରୁଦ୍ରାକ୍ଷ ସାଇ ଶୁଭମ୍
କ୍ଲାସ- ୩, ସେଣ୍ଟ ଜାଭିଅର ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର



୨
ଶ୍ୱେତାଶ୍ରୀ ସାହୁ
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରପଦା, ଭଦ୍ରକ



୩
ସୋନାଲି ବରାଡ଼
କ୍ଲାସ-୬, ବିଜିପୁର ୟୁପି ଏମ୍.ଇ ସ୍କୁଲ, ବିଜିପୁର, ନୟାଗଡ଼



୪
ସାୟୋନୀ ବେହେରା
କ୍ଲାସ-୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜୋକିଡ଼ୋଳା, ବାଙ୍କୀ, କଟକ



୫
ରବି ନାରାୟଣ ପରିଡ଼ା
କ୍ଲାସ-୩, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର



୬
ସାହିଲ୍ ହୋତା
କ୍ଲାସ-୪, କାରମେଲ୍ ଇଂଲିଶ ମିଡିୟମ ସ୍କୁଲ, ଖୋର୍ଦ୍ଧା



୭
ସ୍ୱୟଂପ୍ରଭୁ ମିଶ୍ର
କ୍ଲାସ-୫, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର



୮
ବିଭୁ ପ୍ରସାଦ ବେହେରା
କ୍ଲାସ-୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜୋକିଡ଼ୋଳା, ବାଙ୍କୀ, କଟକ



୯
ଦେବାଶିଷ ବାଗ
କ୍ଲାସ- ୨, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟବାରୁମାଲ, କଳାହାଣ୍ଡି



୧୦
ଅଙ୍କିତା ସାହୁ
କ୍ଲାସ-୬, ମନ୍ଦାରୀ ୟୁ ପି ସ୍କୁଲ, ଭୋଗରାଇ, ବାଲେଶ୍ୱର

# ଶିଶୁ ପ୍ରତିଭା

## ପ୍ରତିଭାଧାରୀ ପ୍ରଥମେଶ



ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଜନ୍ମରୁ ହିଁ ଜଣା ପଡ଼ିଥିଲା ତାଙ୍କ ପ୍ରତିଭା। ସେ ଯେ ଦିନେ ନିଜ ନାଁକୁ ଚରିତାର୍ଥ କରିବେ, ତାହା ମଧ୍ୟ ସମସ୍ତଙ୍କୁ ବେଶ୍ ଜଣାଥିଲା।

ପୁରୀ ଜିଲା ନିମାପଡ଼ା ନିକଟସ୍ଥ ଭାଟବନ୍ଧ ଗାଁର ମାତା ପୁଷ୍ପିତା ଘଟୁଆରୀ ଓ ପିତା ଅମିୟ ମହାନ୍ତିଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ପ୍ରଥମେଶ। ବୟସ ସିନା ୪, ହେଲେ ବିଭିନ୍ନ ପ୍ରତିଭାର ଅଧିକାରୀ ସେ। ପିଲାଟି ବେଳରୁ ବାଦ୍ୟ, ସଙ୍ଗୀତ, ଗୀତିନାଟ୍ୟ ଓ ଅଭିନୟ କରି ବେଶ୍ ଆଦୃତ ହୋଇ ପାରିଛନ୍ତି। ଖାଲି ସେତିକି ନୁହେଁ ତବଲା, ହାର୍‌ମୋନିୟମ୍, ପିଆନୋ ବଜାଇବାରେ ସେ ପାରଙ୍ଗମ। କଅଁଳ ବୟସରେ ତାଙ୍କର ସୁର, ଲୟ, ତାଳ ମଧ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଛି। ଗାଁ ଗାଁ ବୁଲି ଗୀତିନାଟ୍ୟର ବିଭିନ୍ନ ଚରିତ୍ରରେ ଚମତ୍କାର ଅଭିନୟ କରିବା ସହ ମହାପ୍ରଭୁଙ୍କ ଭଜନକୁ ପ୍ରାଞ୍ଜଳ ଭାବେ ଗାଇ ଲୋକଙ୍କ ପାଖେ ପହଞ୍ଚି ପାରିଛନ୍ତି। ତାଙ୍କ ନୃତ୍ୟ କିମ୍ବା ଅଭିନୟକୁ ଯେ ବି ଦେଖିଲେ ତାଙ୍କ ଆଖି ଲାଗିଯିବ। ମାତ୍ର ଦେଢ଼ ବର୍ଷ ବୟସରେ ସେ ଟେଲିଭିଜନରେ ତବଲା ମାଷ୍ଟର ରାଧାକାନ୍ତ ନନ୍ଦଙ୍କୁ ଦେଖି ତାଙ୍କ ଭଳି ତବଲା ବଜାଇବା ଆରମ୍ଭ କରିଥିଲେ। ପରେ ମାମୁଘରେ ଅଜା ଅଭିମନ୍ୟୁ ଘଟୁଆରୀ ଏବଂ ମାମୁ ଶ୍ରୀନିବାସ ଘଟୁଆରୀଙ୍କ ତତ୍ତ୍ୱାବଧାନରେ ରହି ତାଙ୍କ ପ୍ରତିଭାକୁ ବିକାଶ କରାଇବାର ସୁଯୋଗ ପାଇଥିଲେ। ଏହାଛଡ଼ା ପ୍ରଥମେଶ ପାଠରେ ମଧ୍ୟ ବେଶ୍ ଆଗୁଆ। ଭବିଷ୍ୟତରେ କଳା କ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରି ଦେଶବିଦେଶରେ ସେ ନିଜର ନାଁ ରଖିବେ ବୋଲି ସ୍ଥାନୀୟ କଳା ଶିକ୍ଷକ କୃଷ୍ଣଚନ୍ଦ୍ର ମଲ୍ଲିକ ଆଶାବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଅଭୂତପୂର୍ବ ପ୍ରତିଭା ପାଇଁ ସେ ଅନେକ ସ୍ଥାନରେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

## ଏଥରର

- ଜଗନ୍ନାଥ ମନ୍ଦିର କେବେ ପ୍ରତିଷ୍ଠା ହୋଇଥିଲା ?
- କବି ସମ୍ରାଟ ଭାବେ କିଏ ପରିଚିତ ?
- ଗୀତଗୋବିନ୍ଦର ରଚୟିତା ?
- ଭୁବନେଶ୍ୱର ପୂର୍ବରୁ ଓଡ଼ିଶାର ରାଜଧାନୀ କେଉଁଠି ଥିଲା ?
- ପ୍ରଥମ ଜ୍ଞାନପୀଠ ପୁରସ୍କାର କିଏ ପାଇଥିଲେ ?

## ଗତଥରର ଉତ୍ତର

- ଚଣ୍ଡିଗଡ଼
- ରବୀନ୍ଦ୍ରନାଥ ଟାଗୋର
- ପଦାର୍ଥ ବିଜ୍ଞାନ
- ଯଶୋଦା ବାଇ
- ୧୯୨୮

## କହିଲ ଦେଖି

୧) ରଖିଥିଲେ କିଛି ଖାଏ ସେ କାଟି
ଆପଣା ଘରକୁ ନିଅଇ ଲୁଟି
ସୁଡ଼ଙ୍ଗ ଅଟଇ ଘରଟି ତା'ର
ଗଣେଶ ବାହନ ଅଟେ ସେ ବୀର
ନାମଟି ତାହାର କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ

ଉତ୍ତର-ମୂଷା



୨) ଧୋବ ଫର ଫର ରୂପଟି ତା'ର
ଦେଖିବାକୁ ସିଏ ଭାରି ସୁନ୍ଦର
କଅଁଳ ଘାସରେ ହୁଅଇ ଖୁସି
ଗାଜର ପାଇଲେ ଖାଏ ସେ ବସି
ସବୁଠୁଁ କୋମଳ ପ୍ରାଣୀଟେ ସେହି
ତା' ନାମ କିଏ ସେ ପାରିବ କହି

ଉତ୍ତର-ଠେକୁଆ



୩) କଥା କହିବାକୁ ଯାହାର ଲୋଡ଼ା
ସ୍ୱାଦ ବାରିବାକୁ ଯା'ଦେହ ଗଢ଼ା
ଆମ ଶରୀରର ଅଟେ ସେ ଅଙ୍ଗ
ଗୋଲାପୀ ଦିଶଇ ତାହାରି ରଙ୍ଗ
ସଭିଙ୍କ ସାଥିରେ ଥାଏସେ ରହି
ଏବେ ଦିଅ ତୁମେ ତା'ନାମ କହି

ଉତ୍ତର-ଜିଭ



**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର
ମୋ-୮୮୯୨୩୦୧୧୪୩

## କବିତା



### ଶିଶିର ଯାଉଛି ସରି ସରି

ଶିଶିର ଯାଉଛି ସରି ସରି...
ସକାଳେ କୁହୁଡ଼ି ଯାଏ ଘେରି
ଦିନ ଦିଶୁଥାଏ ରାତି ପରି,
ନିଆଁ ଜାଳି ଲୋକେ ସେକି ହେଉଥାନ୍ତି,
ଶୀତେ ଦେହହାତ ଯାଏ ଥରି।
କାଳି ଅନ୍ଧାରରୁ ଚଷା ଭାଇ
ଶେଯରୁ ତାହାର ଉଠିଯାଇ,
ଧାନ କାଟିବାକୁ କ୍ଷେତରେ ତାହାର,
ପହଞ୍ଚି ଗଲାଣି ଦାଆ ଧରି।
ବାଡ଼ି ବଗିଚାରେ ନାନା ଜାତି ଫୁଲ
ଗେଣ୍ଡୁ କୁସୁମାଦି ଫୁଟିଛନ୍ତି,
ପ୍ରଜାପତି ଆଉ ମହୁମାଛିମାନେ
ପିଉଛନ୍ତି ମହୁ ଘୂରି ଘୂରି।
ପଉଷ ମାସରେ ଧନୁମୁଆଁ
ମାଘେ ମକର ଚାଉଳଖିଆ,
ଶ୍ରୀପଞ୍ଚମୀରେ ସରସ୍ୱତୀ ପୂଜା
ମାଘ ସପ୍ତମୀରେ ବୁଡ଼ ଦିଆ।
ମାଘ ପୂର୍ଣ୍ଣମୀରେ ଅଗି ଜାଳି,
ନାନାଦି ଉତ୍ସବ ପାଳି ପାଳି
ବସନ୍ତ ଋତୁକୁ ସ୍ୱାଗତ ଜଣାଇ
ଶୀତଋତୁ ଯାଏ ଫେରି ଫେରି।

**- ମାଧବୀଲତା ଦେଈ**
ଅବସରପ୍ରାପ୍ତ ଏବିଇଓ,
ଶ୍ରୀମୁଖ, ପୁରୀ

### ପକ୍ଷୀ ବଞ୍ଚାଅ

କିଚିରି ମିଚିରି ରାବ ତା'ର
କି ଆନନ୍ଦ ଆହା କି ମଧୁର
କି ଶୋଭା ବର୍ଦ୍ଧନ ଚିଲିକାର
କି ଭାବରେ ଲେଖା
କବିତାର।
କିଏ ସେ ଆଙ୍କିଲା ଚିତ୍ରକର
କୀର୍ତ୍ତିକଳା ବଢ଼େ ଉତ୍କଳର
କି ଦୃଷ୍ଟି ପଡିଲା ଶିକାରୀର
କିବା ଲାଭହେଲା ମୃତ୍ୟୁ
ତା'ର।
କିଣା ବିକାହେଲା ମାଂସ ପର
କିଭଳି ଅତିଥିଙ୍କୁ ସତ୍କାର
କିପରି ସୁରକ୍ଷା ହେବ ତାର
କିଚିନ୍ତା କରୁଛ ଏବେ କର।
ପକ୍ଷୀ ଆମ ଅତିଥି
ଶିକାର ନୁହେଁ, ସତ୍କାର
ଲୋଡ଼ା
ସେପରା ଆମ ସାଥୀ।

**-ଲଳିତ ନାରାୟଣ ମହାପାତ୍ର**
ଟାଙ୍ଗୀ, ଖୋର୍ଦ୍ଧା

### ସିଲଟ

ସିଲଟ ଅଟେ ମୁହିଁ
ମୋ ପରି କେହି ନାହିଁ
ପାଠ ପଢ଼ିବା ଆରମ୍ଭ କରେ
ମୋ ଠାରେ ଖଡ଼ି ଛୁଇଁ।
ବ୍ରହ୍ମା , ବିଷ୍ଣୁ ଓ ଶିବ
କହି ଗୋଲ ବୁଲାଇବ
ନିଜ ହାତରେ ଲିଭାଇ ତାକୁ
ମୁଣ୍ଡରେ ବୋଳି ଦେବ।
ଅକ୍ଷର ଶିଖା ହେଲେ
ମୋ ଦେହେ ମଡ଼ାଇଲେ
ଅକ୍ଷର ସବୁ ଅଭ୍ୟାସ ହୁଏ
ଜାଣ ରଖିଥାଅ ପିଲେ।
ପାଠପଢ଼ାକୁ ବାଗ
ଖଡ଼ିସିଲଟ ଆଗ
ସିଲଟ ନେଇ ପାଠ ପଢ଼ାରେ
ମନ ଦେଇକି ଲାଗ।

**-ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ

### ଶୀତଋତୁ ଯେବେ ଆସେ

ଶୀତଋତୁ ଯେବେ ଧରାକୁ ଆସେ
ଫୁଲ ଫଳେ ଭରା ଧରଣୀ ହସେ।
ଫୁଟଇ ଗେଣ୍ଡୁ ମଲ୍ଲୀ ସେବତୀ
ଫୁଲରେ ଝୁଲେ ପରଜାପତି ।
ଘାସ ପତରରେ ଝରା ଶିଶିର
ଲାଗଇ ସତେ କି ମୁକୁତା ହାର।
ସଅଳ ସୂରୁଯ ଲୁଚାଏ ମୁହଁ
ହେମାଳ ପବନେ ଥରଇ ଦେହ।
ଶୀତ ପୋଷାକଟି ପଡ଼ଇ ଖୋଜା
ନିଆଁ ପୁଆଁ ଭାରି ଲାଗଇ ମଜା।
ଦନେଇ ଅଜା କଂଟିକି ଦୋକାନେ
ଚା' ପକୁଡ଼ିର ଆସର ଜମେ।

**-ରଶ୍ମିତା ସେଠୀ**
ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା



## ଗିନିଜ୍ ୱାର୍ଲଡ ରେକର୍ଡ


### ଜିଆନାଙ୍କ ରେକର୍ଡ ପରେ ରେକର୍ଡ


୬ ବର୍ଷରେ କଣ୍ଠସ୍ଥ କରିଛନ୍ତି ୧୯୫ ଦେଶର ବିବରଣୀ। ରାଜଧାନୀଠାରୁ ଆରମ୍ଭକରି ସେହି ଦେଶର ମୁଦ୍ରା,ଭାଷା, କେଉଁ ମହାଦେଶରେ ଅବସ୍ଥିତ, ଦର୍ଶନୀୟ ସ୍ଥାନ, ଲ୍ୟାଣ୍ଡମାର୍କ ଏବଂ ମହାଦ୍ୱୀପ ଇତ୍ୟାଦି ମନେ ରଖିଛନ୍ତି। ଏହି କୁନି ପ୍ରତିଭା ହେଉଛନ୍ତି ମଧ୍ୟପ୍ରଦେଶ ଇନ୍ଦୋରର ଜିଆନା ସାହା। ସେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ଏତେ ଛୋଟ ବୟସରେ ସେ ଅନେକ ରେକର୍ଡ ପାଇ ସାରିଛନ୍ତି। ଗିନିଜ ରେକର୍ଡ ଏବଂ ଓଏମ୍‌ଜି ବୁକ୍ ଅଫ୍ ରେକର୍ଡରେ ନିଜ ସ୍ଥାନ ପକ୍କା କରିଛନ୍ତି। ଏତେ ଛୋଟ ବୟସରେ ଦୁନିଆରେ ପ୍ରଥମ ୯ ମିନିଟ୍ ୩୧ସେକେଣ୍ଡରେ ୧୯୫ ଦେଶର ସବୁ ବିବରଣୀ ଆବୃତ୍ତି କରିପାରୁଛନ୍ତି। ଭାରତର ପ୍ରଥମ ଝିଅ ଭାବରେ ଜିଆନା ଏହି ସବୁ ଆୱାର୍ଡ ପାଇଛନ୍ତି। ପାଠପଢ଼ା ସହ ଦେଶବିଦେଶ ବିଷୟରେ ନୂଆ ତଥ୍ୟ ଜାଣିବା ପାଇଁ ସେ ସମୟ ଦିଅନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଏପରି ରେକର୍ଡ ପାଇଁ ସେ ଦିନକୁ ଅତି କମ୍‌ରେ ୨-୩ ଘଣ୍ଟା ଅଭ୍ୟାସ କରନ୍ତି।



# ଜଣା ଅଜଣା


ପୃଥିବୀର ସବୁଠୁ ଦ୍ରୁତଗାମୀ ସ୍ଥଳଚର ପ୍ରାଣୀ ହେଉଛି ଚିତାବାଘ। କେବଳ ଦୃତ ଭାବେ ଦୌଡ଼ନ୍ତି ତା'ନୁହେଁ, ବରଂ ଏମାନଙ୍କର ଦୃଷ୍ଟି ଶକ୍ତି ମଧ ଖୁବ୍ ତୀକ୍ଷ୍ଣ। ୫କି.ମି ଦୂରରେ ଥିବା ଶିକାରକୁ ଏମାନେ ସହଜରେ ଦେଖିପାରନ୍ତି।






ମଣିଷ ଶରୀରର ସବୁଠୁ ମୁଖ୍ୟ ଅଙ୍ଗ ହେଉଛି ମସ୍ତିଷ୍କ। ହେଲେ ପିଲାଏ ଜାଣିଛ, ଏଥିରେ ପ୍ରାୟ ୧୦୦ ବିଲିୟନ୍‌ରୁ ଅଧିକ ସ୍ନାୟୁ କୋଷ ରହିଛି। ସେଥିପାଇଁ ମସ୍ତିଷ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପଠାଉଥିବା ତଥ୍ୟଗୁଡ଼ିକ ଘଣ୍ଟାକୁ ପ୍ରାୟ ୨୬୮ ମାଇଲ୍ ବେଗରେ ଗତି କରେ।

ପୃଥିବୀର ଉଚ୍ଚତମ ଗଛ ହେଉଛି ହାଇପେରିଅନ୍। ଏହା କାଲିଫର୍ନିଆର ରେଡଉଡ୍ ନ୍ୟାଶ୍‌ନାଲ୍ ପାର୍କରେ ଦେଖାଯାଏ, ଯାହାର ଉଚ୍ଚତା ଏବଂ ବ୍ୟାସାର୍ଦ୍ଧ ଯଥାକ୍ରମେ ୩୭୯.୧ ଫୁଟ୍ ଓ ୧୩.୧ ଫୁଟ୍ ।






ଇଂରାଜୀ ଭାଷାକୋଷରେ ମାତ୍ର ୨ଟି ଶବ୍ଦରେ ଇଂରାଜୀର ସମସ୍ତ ସ୍ୱରବର୍ଣ୍ଣ କ୍ରମାନ୍ୱୟରେ ରହିଛି। ସେଗୁଡ଼ିକ ହେଲା ABSTEMIOUS ଏବଂ FACETIOUS ।

ଆଣ୍ଟାର୍କଟିକାରେ ଥିବା ବରଫାବୃତ ଅଞ୍ଚଳର ପ୍ରାୟ ୩ ଭାଗ ଜାଗା କେବଳ ପେଙ୍ଗୁଇନ୍‌ମାନଙ୍କ ବର୍ଜ୍ୟରେ ଆଚ୍ଛାଦିତ। ଏମାନେ ସାଧାରଣତଃ ଦଳଗତ ଭାବେ ଦେଖାଯାଆନ୍ତି। ଏମାନଙ୍କର ଦଳକୁ 'କଲୋନୀ' କୁହାଯାଏ।



# ଆଇନା




ସୁମେରା
୫ ବର୍ଷ



ଶୁଭସ୍ମିତା
୧୨ ବର୍ଷ



ସାଇରାମ
୬ ବର୍ଷ